ଶନିବାର, ୧୨ ଏପ୍ରିଲ, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

(ମାମୁ ଓ ଭଣଜା ମଧ୍ୟରେ କଥାବାର୍ତ୍ତା)
ଭଣଜା–ମାମୁ! ଆସିବାରେ ଏତେ ଲେଟ୍ କ'ଣ କଲ ? ଆଉ ମୋ ପାଇଁ ମିଠା ଆଣିଚ ତ ?
ମାମୁ– ହଁ, ତୋ ପାଇଁ ମିଠା ନ ଆଣିଲେ ହେବ କେମିତି ?
ଭଣଜା–ଭଲ କଥା ।
ମାମୁ–ଭଣଜା ! ଆଉ ଆଗକୁ କ'ଣ ଭାବିଚୁ କରିବୁ ବୋଲି ?
ଭଣଜା– ଭାବିଚି ନା....ଆପଣ କେତେ ଜଲଦି ଘରୁ ଯିବେ, ଆଉ ମୁଁ ସବୁ ମିଠା ଖାଇବି।

(ଟିଟିଆଇ ଓ ଚିଣ୍ଟୁ ମଧ୍ୟରେ କଥାବାର୍ତ୍ତା)
ଟିଟିଆଇ– ତୁମ ଟିକେଟ୍ ଦେଖାଅ ।
ଚିଣ୍ଟୁ(ପୁରୁଣା ଟିକେଟ୍ ଦେଖାଇ)–ଏଇ ନିଅ ।
ଟିଟିଆଇ–ଇଏ କ'ଣ ? ପୁରୁଣା ଟିକେଟ୍ ଦେଖଉଚ । ଏଇଟା ହବନି । ନୂଆ ଟିକେଟ୍ ଦେଖାଅ ।
ଚିଣ୍ଟୁ–ହବନି କାହିଁକି । ତମେ ଏମିତି ନୂଆ ଟିକେଟ୍ ମାଗୁଚ, ଯେମିତି ଟ୍ରେନ୍‌ଟି ବି ନୂଆ ଏବେ ଶୋ'ରୁମ୍‌ରୁ ଆଣିଚ । ଟ୍ରେନ୍ ପୁରୁଣା ତ ଟିକେଟ୍ ବି ପୁରୁଣା ।

# ଗୁରୁଜନଙ୍କ କଥା ମାନିବା

## ଗପ

ଗୋଟିଏ ଜଙ୍ଗଲରେ ଏକ ବଡ଼ ଶିମିଳି ଗଛ ଥିଲା । ସେହି ଗଛ କୋରଡରେ ଅନେକ ଶୁଆ ବାସ କରୁଥିଲେ । ସେମାନଙ୍କ ମଧ୍ୟରେ ଥିବା ଏକ ବୟୋଜ୍ୟେଷ୍ଠ ଶୁଆକୁ ସେମାନେ ଦଳର ମୁଖିଆ କରିଥିଲେ । ମୁଖିଆଙ୍କୁ ସମସ୍ତେ ମାନୁଥିଲେ, ତାଙ୍କ କହିବା ଅନୁସାରେ କାମ କରୁଥିଲେ ।

ଦିନେ ଗୋଟିଏ କାଉ ନିଜ ବସା ଭୁଲି ଶିମିଳି ଗଛରେ ଗୋଟିଏ ଦିନ ଆଶ୍ରୟ ନେବା ପାଇଁ ଶୁଆମାନଙ୍କୁ ଅନୁରୋଧ କଲା । ସୂର୍ଯ୍ୟାସ୍ତ ହୋଇ ସାରିଥିଲା, ତେଣୁ କାଉକୁ ଅତିଥି ଭାବି ଆଶ୍ରୟ ଦେବାକୁ କିଛି ଶୁଆ ମତ ଦେଲେ । କିନ୍ତୁ ଦଳର ମୁଖିଆ ଆଶ୍ରୟ ଦେବାକୁ ମନା କରିଲେ । ମୁଖିଆଙ୍କ କଥା କେହି ଶୁଣିଲେ ନାହିଁ ଓ କାଉକୁ ଆଶ୍ରୟ ଦେଲେ । କାଉ ରାତ୍ରିଯାପନ କଲା ଓ ସେଠାରେ ମଳତ୍ୟାଗ କଲା । କାଉ ପାଚିଲା ଫଳଗୁଡ଼ିକ ଖାଇଥିବାରୁ ତା' ମଳରୁ କିଛି ଦିନ ପରେ ବରଗଛ ଜାତ ହେଲା । କାଳକ୍ରମେ ବରଗଛ ବଡ଼ ହୋଇ ଓହଳ ହେଲା । ଦିନେ ଗୋଟିଏ ଶିକାରୀ ଶିକାର ନ ପାଇ ନିରାଶ ହୋଇ ବରଗଛ ମୂଳରେ ବିଶ୍ରାମ ନେଲା । ଗଛରେ ଶୁଆ ଥିବା ଜାଣିପାରି ସେ ବରଗଛ ଓହଳରେ ଚଢ଼ି ଦେଖିଲା ଯେ ଶୁଆମାନେ ଶିମିଳି ଗଛ କୋରଡରେ ଅଣ୍ଡା ଦେଇ ବାହାରକୁ ଯାଇଛନ୍ତି । ଶିକାରୀ ଶୁଆ ବସାରେ ଜାଲ ବିଛାଇ ଘରକୁ ଫେରିଲା । ସୂର୍ଯ୍ୟାସ୍ତ ହେବାରୁ ବସାକୁ ଫେରି ଶୁଆମାନେ ଶିକାରୀର ଜାଲରେ ଫସିଗଲେ ଓ ବାହାରି ପାରିଲେ ନାହିଁ । ଶୁଆମାନେ ଶିକାରୀ ଜାଲରୁ କେମିତି ମୁକୁଳିବେ ଉପାୟ ବାହାର କରିବା ପାଇଁ ତାଙ୍କ ମୁଖିଆଙ୍କୁ ଅନୁରୋଧ କଲେ ।



ତା'ପରେ ମୁଖିଆ କହିଲେ ମୋ କଥା କେହି ଶୁଣିଲ ନାହିଁ, କାଉକୁ ରାତ୍ରିଯାପନ ପାଇଁ ଆଶ୍ରୟ ଦେଲ । କାଉ ଏହିଠାରେ ମଳତ୍ୟାଗ କରିବାରୁ ବରଗଛ ହେଲା । ବରଗଛ ଓହଳରେ ଚଢ଼ି ଶିକାରୀ ଜାଲ ବିଛାଇଲା । ତା'ପରେ ଶୁଆମାନେ ନିଜ ଭୁଲ ବୁଝିପାରିଲେ ଓ ବୟୋଜ୍ୟେଷ୍ଠ ଶୁଆର କଥା ମାନିବେ ବୋଲି ଏକ ସ୍ୱରରେ କହିଲେ । ତା'ପରେ ମୁଖିଆ କହିଲେ, ଏବେ ମୁଁ ଯେମିତି କହିବି ସେମିତି କରିବ । କାଲି ସକାଳେ ଶିକାରୀ ଆସିବା ଆଗରୁ ଆମେ ସମସ୍ତେ ମରିଗଲା ଭଳି ଅଭିନୟ କରିବା । ମରି ଯାଇଥିବା ଭାବି ଶିକାରୀ ଜଣ ଜଣକୁ ତଳକୁ ଫୋପାଡି ଦେବ ଓ ଯାହାକୁ ସେ ପ୍ରଥମେ ଫୋପାଡ଼ି ଦେବ ସେ ଗଣିବ, ଆମେ କେତେଜଣ ଅଛୁ । ସମସ୍ତଙ୍କୁ ଫୋପାଡିଦେବା ପରେ କେଁ କରି ସଙ୍କେତ ଦେବା ମାତ୍ରେ ସମସ୍ତେ ଉଡ଼ି ଯିବା । ସମସ୍ତେ ତାଙ୍କ କଥା ଅନୁସାରେ କରିବା ପାଇଁ ନିଷ୍ପତ୍ତି ନେଲେ । ସକାଳ ହେଲା, ଶିକାରୀ ଆସି ଗଛ ଉପରେ ଚଢ଼ିଲା । ସବୁ ଶୁଆ ମରି ଯାଇଥିବା ଭାବି ତଳକୁ ଜଣ ଜଣ କରି ସବୁ ଶୁଆଙ୍କୁ ଫୋପାଡ଼ି ଦେଲା । ପ୍ରଥମେ ଫୋପାଡ଼ି ଥିବା ଶୁଆ ଗଣୁ ଥିଲା ଓ ଯେତେବେଳେ ସମସ୍ତ ଶୁଆଙ୍କୁ ଫୋପାଡ଼ି ଦେଲା କେଁ କରି ସଙ୍କେତ ଦେବାରୁ ସବୁ ଶୁଆ ଉଡ଼ିଗଲେ । ସବୁ ଶୁଆ ଉଡ଼ିଯିବା ଦେଖି ଶିକାରୀ ମନଦୁଃଖରେ ଘରକୁ ଫେରିଲା । ଏହି କଥାରୁ ଆମେ ଶିକ୍ଷା କଲେ କି ସବୁବେଳେ ଗୁରୁଜନଙ୍କ କଥା ମାନି ଚଳିବା ।

**– ଟଙ୍କଧର ଭୋଇ**
ଜାମପଡ଼ା, ବଲାଙ୍ଗୀର
ମୋ:୮୪୫୬୦୫୩୧୯୦

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଥଣ୍ଡା ପାଣି

**ଖରାଦିନେ ଥଣ୍ଡା ପାଣି ପିଇବାର ମଜା ହିଁ ଅଲଗା । ହେଲେ ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଭଲ ନୁହେଁ। ତେଣୁ ଏଭଳି ଅଭ୍ୟାସ ଥିଲେ ବଦଳାଇ ନେବା ଦରକାର...**

– ଥଣ୍ଡା ପାଣି ପିଇବା ଫଳରେ ଶରୀରର ତାପମାତ୍ରା ହଠାତ୍ କମ୍ ହୋଇଯାଏ, ଯାହା ପ୍ରଭାବରେ ମାଂଶପେଶୀରେ ବିଭିନ୍ନ ସମସ୍ୟା ସୃଷ୍ଟି ହୁଏ । ବିଶେଷକରି ଖେଳାଳୀମାନଙ୍କୁ ଏଥିପାଇଁ ଅନେକ ସମୟରେ ଅସୁବିଧା ହୋଇଥାଏ ।
– ଖାଇବା ସମୟରେ ଯଦି ଥଣ୍ଡା ପାଣି ପିଉଛନ୍ତି ତେବେ ମେଦବହୁଳତାର ଶିକାର ହେବାର ଆଶଙ୍କା ବି ଅଧିକ ରହିଥାଏ ।
– ଥଣ୍ଡା ପାଣି ପିଇବା ଅଭ୍ୟାସ ଥିବା ଲୋକଙ୍କର ଖାଦ୍ୟ ହଜମ ହେବାରେ ମଧ୍ୟ ସମସ୍ୟା ଦେଖା ଯାଇଥାଏ । ପ୍ରତିଦିନ ଥଣ୍ଡା ପାଣି ପିଉଥିଲେ କିଛି ଦିନ ପରେ ଏସିଡିଟି, କୋଷ୍ଠକାଠିନ୍ୟ ଭଳି ବିଭିନ୍ନ ଲକ୍ଷଣ ଦେଖା ଦେଇଥାଏ ।
– ଥଣ୍ଡା ପାଣି ପିଇବା ଫଳରେ ଆର୍ଥାଇଟିସ୍ ସମସ୍ୟା ମଧ୍ୟ ଅଧିକ ଜଟିଳ ହୋଇଥାଏ ।
– ଫ୍ରିଜରୁ ଥଣ୍ଡା ପାଣି ବାହାର କରି କେବେ ବି ପିଇବା ଭଲ ନୁହେଁ । ଏହାଫଳରେ ଅନେକ ସମୟରେ ଶରୀର କୁଣ୍ଡାଇହେବା କିମ୍ବା ଦରଜ ହେବା ଭଳି ବିଭିନ୍ନ ସମସ୍ୟା ମଧ୍ୟ ଦେଖାଦିଏ ।



# ମତାମତ

▶▶ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ 'ଆଦୌ ପାଣି ପିଉ ନଥିବା ପ୍ରାଣୀ ଏବଂ ଏମିତି ସମୁଦ୍ର,ଯେଉଁଠି କେବେବି ବୁଡିବେନି ପାଠ ଦୁଇଟି ଆଶ୍ଚର୍ଯ୍ୟ ଲାଗିଲା ।

*–ରଞ୍ଜୁଲତା ଭୋଇ, ପିପିଲି, ପୁରୀ*

▶▶ ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଉଥିବା କବିତା ଗୁଡିକ ମନଛୁଆଁ ହେଉଛି ।

*–ପୀତାମ୍ବର ରାଉତ, ନୟାଗଡ*

▶▶ 'କୁଆର କଳା ରଙ୍ଗ ପସନ୍ଦ' ଗଳ୍ପଟି ବେଶ ଶିକ୍ଷଣୀୟ ।

*–ରିଣ୍ଟୁ ସେନାପତି , ବିରିଡି , କଟକ*

# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

# ରଙ୍ଗ ଦିଅ







ବର୍ତ୍ତମାନ ଖରାଦିନ। ତାପମାତ୍ରା ବଢ଼ିବାରେ ଲାଗିଛି । ତେଣୁ ଏହି ଦିନରେ ପିଲାମାନେ ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବା ନିହାତି ଦରକାର। ଏ ସମ୍ପର୍କରେ ସୂଚନା...

# ଖରାଦିନେ ପିଲାଙ୍କ ଖାଦ୍ୟ

ଖରାଦିନେ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନିହାତି ଧ୍ୟାନ ଦେବା ଆବଶ୍ୟକ। ଅତ୍ୟଧିକ ଗରମ କାରଣରୁ ପିଲାଙ୍କୁ ଏତେଟା ଭୋକ ଲାଗି ନ ଥାଏ। ଯାହାଫଳରେ ସେମାନଙ୍କ ଉପରେ ମାନସିକ ଏବଂ ଶାରୀରିକ ପ୍ରଭାବ ପଡ଼ିଥାଏ। ଏମିତିରେ ଖାଦ୍ୟ ପାନୀୟରେ ବିଶେଷ ଧ୍ୟାନ ଦେବା ନିହାତି ଆବଶ୍ୟକ। ଖରାଦିନେ ପିଲାଙ୍କୁ ହାଇଡ୍ରେଟ୍ ରଖିବା ନିହାତି ଜରୁରୀ। ଏମିତିରେ ଠିକ୍ ଖାଦ୍ୟ ପାନୀୟ ସାହାଯ୍ୟରେ ପିଲାଙ୍କୁ ସୁସ୍ଥ ଏବଂ ଏନର୍ଜିଭରା ରଖାଯାଇପାରିବ। ଆସନ୍ତୁ ଜାଣିବା ଖରାଦିନେ ପିଲାମାନେ ଠିକ୍ ଖାଦ୍ୟ କ'ଣ ଖାଇବେ...

- ଖରାଦିନେ ମିଳୁଥିବା ଫଳ ଯେମିତିକି ଆମ୍ବ, ଜାମୁକୋଳି, ଲିଚୁ, ତରଭୁଜ ଏବଂ କାକୁଡ଼ି ଆଦି ଖାଇବା ଦ୍ୱାରା ପ୍ରଚୁର ପରିମାଣରେ ଜଳୀୟ ଅଂଶ ଶରୀରକୁ ମିଳିଥାଏ, ଯାହା ପିଲାଙ୍କୁ ଡିହାଇଡ୍ରେଶନ୍‌ଠୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ତରଭୁଜରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ, ଯାହାକି ସାଧାରଣ ପିଲାଙ୍କ ବୃଦ୍ଧିମତାରେ ମଧ୍ୟ ସାହାଯ୍ୟ କରିଥାଏ।
- କାକୁଡ଼ି ଏବଂ ଜାମୁକୋଳି ଶରୀରକୁ ଥଣ୍ଡା ପ୍ରଦାନ କରିବା ସହିତ ଏହା ଶରୀରର ବ୍ଲଡ ସୁଗାର ଲେଭଲକୁ ନିୟନ୍ତ୍ରିତ ରଖିଥାଏ। ପିଲାଙ୍କ ଖାଦ୍ୟରେ ନିହାତି ଫ୍ରୁଡ୍ ସାଲାଡ୍ ସାମିଲ ହେବା ଆବଶ୍ୟକ। ଏହା ପିଲାକୁ ଖରାଦାଉରୁ ରକ୍ଷା କରିଥାଏ।
- ପିଲା ବାହାରେ ଖେଳିବା ସମୟରେ ଅଧିକ ଝାଳ ବାହାରୁଥିଲେ ତାକୁ ଏକ ଗ୍ଲାସ ପଇଡ଼ ପାଣି ନିହାତି ପିଆନ୍ତୁ। ଏହା ଶରୀରର ଇଲେକ୍ଟ୍ରୋଲାଇଟ୍ସର ମାତ୍ରାକୁ ସନ୍ତୁଳିତ ରଖିବା ସହ ଡିହାଇଡ୍ରେଶନରୁ ରକ୍ଷା କରିଥାଏ।
- ଖରାଦିନେ ଦହି ଭାତ ଖାଇବା ଦ୍ୱାରା ପିଲାଙ୍କ ଲାଗି ଲାଭକାରୀ ହୋଇଥାଏ। ଏହା ପ୍ରୋବାୟୋଟିକ୍ ଫୁଡ୍, ଯାହା ପେଟକୁ ଥଣ୍ଡା ପ୍ରଦାନ କରିଥାଏ। ପିଲାମାନେ ଲଞ୍ଚ୍ ସମୟରେ ଦହିଭାତ ଖାଇଲେ ଭଲ।
- ଖରାଦିନେ ପିଲାଙ୍କ ପାଚନଜନିତ ସମସ୍ୟା ଦେଖାଯାଇଥାଏ। ଟମାଟୋରେ ଥିବା ଭିଟାମିନ୍ ଏ, ବି'୨, ସି, ଫୋଲେଟ୍ ଏବଂ ପୋଟାସିୟମ୍ ଶରୀରକୁ ସୁସ୍ଥ ରଖିଥାଏ ଏବଂ ହାଡ଼କୁ ମଜଭୁତ କରିଥାଏ। ପିଲାଙ୍କ ଖାଦ୍ୟରେ ଟମାଟୋ ସାଲାଡ୍ ନିହାତି ସାମିଲ ହେବା ଆବଶ୍ୟକ।
- ଲେମ୍ବୁପାଣିରେ ଭିଟାମିନ୍ ସି'ର ଭରପୂର ମାତ୍ରା ରହିଛି, ଯାହା ପାଚନତନ୍ତ୍ରକୁ ଭଲ କରିଥାଏ। ଏହା ଦାନ୍ତ ସମସ୍ୟାକୁ ମଧ୍ୟ ଦୂର କରିଥାଏ ଏବଂ ତ୍ୱଚାର ସୁନ୍ଦରତା ବଢ଼ାଇଥାଏ। ଲେମ୍ବୁପାଣି ପିଲାର ଇମ୍ୟୁନିଟିକୁ ମଧ୍ୟ ମଜଭୁତ କରିଥାଏ।
- ଖରା କାରଣରୁ ପିଲାଙ୍କ ଏନର୍ଜି ଜଲ୍‌ଦି ସରିଯାଏ। ଏମିତିରେ ତାଙ୍କୁ ତଟକା ଫଳର ଜୁସ୍, କଷ୍ଟାର୍ଡ ଆଦି ଖାଇବାକୁ ଦେବା ଦ୍ୱାରା ପିଲାର ଶକ୍ତି ବଢ଼ିଥାଏ। ଫଳରେ ପିଲାମାନେ ଉତ୍ସାହ ସହକାରେ ଖାଦ୍ୟ ଖାଇଥାନ୍ତି। ପିଲାଙ୍କ ଖାଦ୍ୟରେ ପ୍ରତିଦିନ କିଛି କିଛି ନୂଆ ଜିନିଷ ସାମିଲ କରନ୍ତୁ, ଯାହା ଫଳରେ ପିଲା ଯେପରି ବୋର୍ ହେବନି ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଅନ୍ତୁ।
- ପାନୀୟରେ ପିଲାମାନେ ଦହି ସର୍ବତ,ଆଖୁ ରସ କିମ୍ବା ଲସି ପିଇପାରିବେ। ଏହା ଶରୀରକୁ ଫୂର୍ତ୍ତି କରିବା ସହ ଫ୍ରେଶ୍ ଲାଗିଥାଏ।
- ପିଲାମାନେ ସବୁବେଳେ ଆଇସ୍‌କ୍ରିମ୍, କୋଲ୍‌ଡ ଡ୍ରିଙ୍କ୍ସ, ବରଫ ଚୁସ୍କିଠାରୁ ଦୂରେଇ ରହିବା ଭଲ। ସଠିକ ଖାଦ୍ୟ ଲାଗି ମଧ୍ୟ ଶିଶୁ ବିଶେଷଜ୍ଞଙ୍କ ସହାୟତା ନେଇପାରିବେ।



## ଏମାନେ କ'ଣ କରନ୍ତି...

### ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଏ



ଯେଉଁ ଋତୁ ହେଉ ନା କାହିଁକି, ମୁଁ ଖାଦ୍ୟପେୟ ପ୍ରତି ସତର୍କ ରହିଥାଏ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଏ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ବହୁତ କମ୍ ଖାଏ। କାରଣ ମୁଁ ଜାଣିଛି ଏଭଳି ଖାଦ୍ୟ ଯଦି ଅଧିକ ଖାଇବି ତେବେ ଏହାର ଖରାପ ପ୍ରଭାବ ମୋ ଶରୀର ଉପରେ ପଡିବ। ବର୍ତ୍ତମାନ ଗ୍ରୀଷ୍ମ ଋତୁ। ଏହି ସମୟରେ ମୋ ଶରୀରରେ କିପରି ଜଳୀୟ ଅଂଶ ସନ୍ତୁଳିତ ରହିବ ଏଥିନେଇ ସତର୍କ ରହେ। ପ୍ରଚୁର ପାଣି ପିଏ। ତା'ସହ ଠିକ୍ ସମୟରେ ଆବଶ୍ୟକ ମୁତାବକ ଖାଦ୍ୟ ଖାଏ। ବିଶେଷଭାବରେ ଖରାଦିନେ ମୁଁ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଇଥାଏ। ଏଦିନେ ଖାଦ୍ୟତାଲିକାରେ ସାଲାଡ ନିହାତି ସାମିଲ କରେ। ଏହାବ୍ୟତୀତ ତଟକା ଫଳମୂଳ ଖାଇବା ସହ ଘରେ ପ୍ରସ୍ତୁତ ଜୁସ୍ ପିଇବାକୁ ପସନ୍ଦ କରେ।

**-ଆଦର୍ଶ ସାହୁ**(କ୍ଲାସ୍-୮,ବିଜିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବ୍ରହ୍ମଗିରି,ପୁରୀ)

### ଖରାଦିନେ ବାହାର ଖାଦ୍ୟ ଆଦୌ ଖାଏନା



ବାହାର ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଖରାପ ତାହା ମୁଁ ଜାଣିଛି। ତେଣୁ ଏଭଳି ଖାଦ୍ୟ ମୁଁ ଖରାଦିନେ ଆଦୌ ଖାଏନା। ସବୁବେଳେ ଘରେ ପ୍ରସ୍ତୁତ ଖାଦ୍ୟ ଖାଏ। ଏହି ଦିନରେ ମୁଁ ଭାତ, ରୁଟି, ତରକାରୀ, ଡାଲି ଆଦି ଖାଏ। ସାଲାଡ ଖାଇବାକୁ ମଧ୍ୟ ଭୁଲି ନ ଥାଏ। ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଏ। ଏହାସହ ନିୟମିତ ସମୟ ଅନ୍ତରାଳରେ ପାଣି ପିଏ। ମୁଁ ଖରାଦିନେ ୨-୩ ଲିଟର ପାଣି ପିଏ। ବିଶେଷଭାବରେ ଗ୍ରୀଷ୍ମ ଋତୁରେ ଶରୀରରେ ଯେମିତି ଜଳୀୟ ଅଂଶ ଠିକ୍ ରହିବ ସେଥିପ୍ରତି ମଝିରେ ମଝିରେ ଲେମ୍ବୁ ସର୍ବତ ପିଇଥାଏ।

**-ଅନ୍ୱେଷାରାଣୀ ସାହୁ**(କ୍ଲାସ-୮,କେନ୍ଦ୍ରୀୟ ବିଦ୍ୟାଳୟ,କୋରାପୁଟ)



୧



୨



୩



୪



୫



୬



୭



୮



୧
ଆର୍.ସୁଭଦ୍ରା
କ୍ଲାସ– ୧, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୨
ଓମ୍ ଆଶୁତୋଷ ସାହୁ
କ୍ଲାସ– ୯, ବିଜେଇଏମ୍ ସ୍କୁଲ–୧, ଭୁବନେଶ୍ୱର



୩
ସ୍ମୃତିପ୍ରଜ୍ଞା ପଣ୍ଡା
କ୍ଲାସ– ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର



୪
ଶିବାଙ୍କ ବେହେରା
କ୍ଲାସ– ୨, ନ୍ୟାଶନାଲ୍ ପବ୍ଲିକ ସ୍କୁଲ, ବେଙ୍ଗାଲୁରୁ



୫
ଜିସାନ୍ତ ପଟ୍ଟନାୟକ
କ୍ଲାସ–୨, ବିଜେଇଏମ୍ ସ୍କୁଲ–୧, ବିଜେବି ନଗର, ଭୁବନେଶ୍ୱର



୬
ତୁଙ୍ଗମିତ୍ରା ମାଝୀ
କ୍ଲାସ– ୪, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର



୭
ସାଇଁସ୍ମୃତି ଖମାରୀ
କ୍ଲାସ–୯, ମହାମାୟା ପବ୍ଲିକ ସ୍କୁଲ, ନୂଆପଡା



୮
ଅଂଶୁମାନ ସାହୁ
କ୍ଲାସ– ୯, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ, ଜଟଣୀ



# କବିତା

## ଓଡ଼ିଆ ନୂଆ ବରଷ

ପଣା ସଂକ୍ରାନ୍ତିର ପବିତ୍ର ତିଥିରେ
ଭକତିର ଦୀପ ଜାଳିବା
ଓଡ଼ିଆ ନୂଆ ବରଷକୁ ଆମେ
ମହା ଆନନ୍ଦରେ ପାଳିବା ।
ଯାହାକୁ ଦେଖିବା ମୁରୁକି ହସିବା
ଜଣାଇବା ଅଭିନନ୍ଦନ
ଜନମ ଦିନରେ ପବନସୂତଙ୍କୁ
କରିବା ଆମେତ ବନ୍ଦନ ।
ତାଙ୍କୁ ପୂଜା କଲେ ନିଷ୍ଠା ସହକାରେ
ଆଶିଷ ନିଶ୍ଚୟ ପାଇବା
ମିଳି ମିଶି ଆସ ପଣାପିଇ ଆମେ
ଛତୁଆ ଭୋଗକୁ ଖାଇବା ।
ମନପ୍ରାଣେ ଭରି ଭାଇଚାରା ଭାବ
ଆସ ଆମେ ଖୁସି ହୋଇବା
ଦହିପଖାଳରୁ ପେଟେ ଖାଇ ଦେଇ
ରାତିରେ ଖୁସିରେ ଶୋଇବା ।

**– ଜୟନ୍ତ କୁମାର ମଲ୍ଲିକ୍**
ମୋ: ୯୪୩୭୮୬୫୭୨୭

## ହେବ ବଢ଼ିଆ ପଣା

ଦୋଳିର କଥା କହେରେ ରଜ
ରଙ୍ଗର କଥା ହୋଲି
ପଣା କହୁଛି କାହା କଥାଟି
କିଏ ଆସିବ ବୋଲି ।
ମହାବିଷୁବ ସଂକ୍ରାନ୍ତି ପାଇଁ
ଚାଲିଛି ଆୟୋଜନ
ପିଇଲେ ଥରେ ଘୁଞ୍ଚିବ ତାତି
ହେବରେ ଖୁସି ମନ ।
ପଣାରେ ପଣା ତା କଥା ଜଣା
ଥଣ୍ଡା ରଖେ ସେ ପେଟ
ସେ ଥିଲେ ଥଣ୍ଡାପାନୀୟ ସାଥେ
ନ ହେଉ ଆମ ଭେଟ ।

**– ନୀଳମଣି ଚାନ୍ଦ,** ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ପଣା ସଂକ୍ରାନ୍ତି

ବରଷକେ ଥରେ ଆସିଛି ଆଜି ପଣା ସଂକ୍ରାନ୍ତି
ଖୁସିରେ ପାଳିବା ସଭିଏଁ ହୋଇ ଆନନ୍ଦ ଅତି ।
ବେଲ ଛେନା ଦହି ସାଙ୍ଗରେ ମିଠା ବୁନ୍ଦିଆ ଗୋଳି
ଗୋଲମରିଚକୁ ଚୂରିଣ ପକାଇବା କଦଳୀ ।
ସାଙ୍ଗ ସାଥୀ ବନ୍ଧୁ ବାନ୍ଧବ ସବୁ ଏକାଠି ହେବା
ପଣା ପାଣି ପାନ କରିଣ ପୂରା ଆନନ୍ଦ ନେବା ।
ପ୍ରେମ ଭରା ଦିନ ସାଙ୍ଗକୁ ସୁଖ ଭରା ରଜନୀ
ଲିଭିଯାଉ ଘୃଣା ଭାବନା ଈର୍ଷା କା'ରେ ହେବନି ।
ତୁଳସୀ ଚଉରା ମୂଳରେ ଜଳ ଠେକି ରଖିବା
ଭୋଗଥାଳି ଧରି ଭକ୍ତିରେ ବୃନ୍ଦାବତୀ ପୂଜିବା ।
ମହାବୀର ହନୁମାନଙ୍କ ଜନ୍ମଜୟନ୍ତୀ ପୂଜା
ସଙ୍କଟ ମୋଚନ ସିଏ ତ ଉଡେ ଜଗତେ ଧ୍ୱଜା ।
ଓଡ଼ିଆର ନୂଆବରଷ ଛାତି ଉଠଇ ଫୁଲି
ରଖିବା ଜାତିର ଗରିମା ଭେଦଭାବକୁ ଭୁଲି ।

**– ଦୀପାଳି ଦିପାନ୍ୱିତା ସିଂହ**
ସିମିନଇ, ଢେଙ୍କାନାଳ
ମୋ: ୭୬୦୯୦୦୯୮୯୬

## ଜୟ ମହାବୀର

ସଙ୍କଟମୋଚନ ମାରୁତି ନନ୍ଦନ
ଆହେ ପବନ ସୂତ
ତୁମ ଏଇ ଶୁଭ ଜନମ ଦିନରେ
କରୁଅଛୁ ପ୍ରଣିପାତ ।
ତୁମେ ମହାବୀର ତୁମେ ମହାବଳୀ
ଜୟ ବଜରଙ୍ଗବଲୀ
ଅକ୍ଷୟ ଅନନ୍ତ ତୁମେ ହନୁମନ୍ତ
ସିନ୍ଦୂରେ ସିନ୍ଦୂରେ ନାଲି ।
କାନ୍ଧରେ ତୁମର ଶୋଭାପାଏ ଗଦା
କୁଞ୍ଚିତ ତୁମର କେଶ
କେବେ ଭୀମରୂପ କେବେ ସୂକ୍ଷ୍ମରୂପ
ଅପୂର୍ବ ତୁମର ବେଶ ।
ଭକତି ପ୍ରମାଣ ଦବାପାଇଁ ତୁମେ
ଛାତି ଦେଇଥିଲ ଚିରି
ଗୋଟିଏ ହୁଙ୍କାରେ ସାତ ସାଗରକୁ
ହୋଇଥିଲ ତୁମେ ପାରି ।
ତୁମରି ମହିମା ଗୁଣ ଗାରିମାକୁ
କିଏ ବା ନଜାଣେ କୁହ
ଭକତବତ୍ସଳ ଭକତର ନାଥ
ତୁମେ ଯେ ଭକତପ୍ରିୟ ।

**– ପ୍ରକାଶ କୁମାର ଚାନ୍ଦ**
ଜୟପୁରଶାସନ, ପିପିଲି ପୁରୀ
ମୋ: ୭୦୦୮୯୨୫୯୫୪

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ପାରାଶୁଟ୍ ଅଣ୍ଡା

ଅଣ୍ଡାଟିଏ ହାତରୁ ତଳକୁ ଖସିପଡିଲେ ଭାଙ୍ଗିଯାଏ । ହେଲେ ୮୨ ଫୁଟ ଉପରୁ ତଳକୁ ପଡି ବି ଅଣ୍ଡା ସମ୍ପୂର୍ଣ୍ଣ ସୁରକ୍ଷିତ ରହିପାରେ । ଟିକିଏ ହେଲେ କ୍ରାକ୍ ବି ହୁଏନି । ଏକଥା ଶୁଣିଲେ ଅବିଶ୍ୱାସ ମନେ ହୋଇପାରେ । ହେଲେ ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଆମେରିକାର ମାଥ୍ୟୁ ମା, ଚାର୍ଲି ଗଥ୍ରପ୍, ଜେଫେରୀ ୱାଙ୍ଗ୍, ଡେରିକ୍ ଉଡ୍ ଓ ବ୍ରେକିନ୍ ସେଫଲରଉଡ୍ । ଏମାନେ ସମସ୍ତେ ମିଶି ଅଣ୍ଡାକୁ ଏକ ସୁରକ୍ଷିତ ଖୋଳ ମଧ୍ୟରେ ରଖିଥିଲେ ଯାହା ତୁଳା, କାଠି ଓ କାଗଜରେ ତିଆରି ହୋଇଥିଲା । ଏହି ଖୋଳକୁ ଏକ ଛୋଟ ପାରାଶୁଟ ଦ୍ୱାରା ବାନ୍ଧି ଦିଆଯାଇଥିଲା । ଏହାପରେ ଏହି ପୂରା ସେଟ୍‌ଅପ୍‌କୁ ନେଇ ସେମାନେ ୮୨ ଫୁଟ ଉପରୁ ତଳକୁ ଛାଡି ଦେଇଥିଲେ । ଏତେ ଉପରୁ ତଳକୁ ପାରାଶୁଟରେ ଫେରି ଅଣ୍ଡାଟି ଯେତେବେଳେ ତଳେ ପଡିଥିଲା ତାହା ସମ୍ପୂର୍ଣ୍ଣ ସୁରକ୍ଷିତ ରହିଥିଲା । ତେଣୁ ଅଣ୍ଡାକୁ ଏତେ ଉପରୁ ତଳକୁ ଫିଙ୍ଗି ସୁରକ୍ଷିତ ରଖିପାରିଥିବାରୁ ଆମେରିକାର ଏହି ଗ୍ରୁପ୍ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି ।

# ଏଥରର ?

- ସୁନା ଓ ହୀରା ମଧ୍ୟରୁ କାହାର ଓଜନ ଅଧିକ ।
- ମୁମ୍ବାଇର ଗେଟ୍ ୱେ ଅଫ୍ ଇଣ୍ଡିଆର ଡିଜାଇନ୍ କିଏ କରିଥିଲେ ?
- କେଉଁ ଦେଶରେ ବହୁ ସଂଖ୍ୟାରେ କଙ୍ଗାରୁ ଦେଖାଯାନ୍ତି ?
- ଖେଳ ଜଗତରେ 'ଏମ୍‌ଭିପି'ର ଫୁଲ୍ ଫର୍ମ ?
- ଆମେରିକାର ସବୁଠୁ ବଡ ସହରର ନାମ ?

## ଗତଥରର ଉତ୍ତର

- ୨୦୦୭
- ରାପର ଏମିନେମ୍
- କ୍ରିଷ୍ଟିଆନୋ ରୋନାଲ୍ଡୋ
- ଜିମ୍ନାଷ୍ଟିକ୍
- ସୁମୋ ରେସଲିଂ

# କହିଲ ଦେଖି

ବୈଶାଖ ମାସର ପ୍ରଥମ ଦିନେ
ଏ ପର୍ବ ପାଳନ୍ତି ରାଇଜେ ଜନେ
ପଣା ଲାଗି ହୁଏ ଦେବାଳୟରେ
ବସନ୍ତରା ଝୁଲେ ଚଉଁରା ଶିରେ
ଜଳନ୍ତା ନିଆଁରେ ପାଟୁଆ ଚାଲେ
ଝାମୁ ଯାତ ବୁଲି ଯାଆନ୍ତି ପିଲେ
ପବିତ୍ର ଦିନଟେ ସିଏ
ଆମ ଓଡ଼ିଶାର ନୂତନ ବରଷ
ତା'ନାଆଁ କହିବ କିଏ ?



ଉତ୍ତର– **ପଣା ସଂକ୍ରାନ୍ତି**

ବିଷୁବ ସଂକ୍ରାନ୍ତି ଯେବେ ଆସଇ
ଦେବଦେବୀ ପାଶେ ଭୋଗ ଲାଗଇ
ଯଅ ଗହମ ଓ ବୁଟକୁ ଚୂରି
ରଖାଯାଏ ତାକୁ ଡବାରେ ଭରି
ତା' ସହିତ ମିଶେ ନଡ଼ିଆ ଛେନା
ଗୁଡ଼ କଦଳୀରେ ବନଇ ପଣା
ଭାରି ପୁଷ୍ଟିକର ସିଏ
ସୁଆଦ ତାହାର ଭୁଲିହୁଏ ନାହିଁ
କୁହ ତା'ର ନାମ କିଏ ?



ଉତ୍ତର– **ଛତୁଆ**

ପବିତ୍ର ବିଷୁବ ସଂକ୍ରାନ୍ତି ଦିନ
ପାଳୁ ଆମେ ତାଙ୍କ ଜନମ ଦିନ
ପ୍ରଭୁ ରାମଙ୍କର ସେ ବଡ଼ ଭକ୍ତ
ଭାରି ପରାକ୍ରମୀ ପବନ ସୂତ
ତାଙ୍କୁ ପୂଜାକଲେ ମିଳେ ଆଶିଷ
ଦୂର ହୋଇଯାଏ ଦେହରୁ କ୍ଲେଶ
ସିନ୍ଦୂର ତାଙ୍କର ପ୍ରିୟ
ଗେରୁଆ ବସନ ପିନ୍ଧିଥାନ୍ତି ସିଏ
ତାଙ୍କ ନାମ ଏବେ କୁହ !



ଉତ୍ତର– **ହନୁମାନ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୫୩୪୬

# ସବୁଜ ଗ୍ରହ





"ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ନେପ୍ଚୁନର ୧୬ଟି ଚନ୍ଦ୍ର ବିଷୟରେ ଜଣାପଡିଛି । ସେସବୁ ଉପଗ୍ରହ ଭିତରୁ 'ଟ୍ରାଇଟନ୍' ହେଉଛି ସବୁଠାରୁ ବଡ । 'ଟ୍ରାଇଟନ୍' ପୃଷ୍ଠରୁ ବରଫକଣା ସହିତ ତରଳ ଯବକ୍ଷାରଜାନ, ମିଥେନ୍ ଓ ଧୂଳି ନିର୍ଗତ ହୋଇ ୮ କିମି ଉପରକୁ ଫିଙ୍ଗି ହେଉଥାଏ । ସେଠାରେ ରହିଥିବା ପାହାଡ ଓ ଉପତ୍ୟକା ଭିତରେ ଏପରି ସୁନ୍ଦର ଦୃଶ୍ୟ ଦେଖିଲେ ପରୀରାଇଜ ଭଳି ମନେହୁଏ ।"



ରମୁ ଓ ସୁମନ୍‌କୁ ଧରି ମହାକାଶଯାନ ଆଖି ପିଛୁଳାକେ ଶହ ଶହ କିଲୋମିଟର ଗତି କରୁଥିଲା । କ୍ୟାପ୍‌ଟେନ୍ ଥିଲା ସୁମନ୍ । ରମୁ ପଚାରିଲା, 'ଆମେ ଏବେ କେଉଁଠି ?' ସୁମନ୍ କହିଲା, 'ଆମ ସୌରଜଗତର ଶେଷ ଗ୍ରହ ନେପ୍ଚୁନ ପାଖରେ । ସୂର୍ଯ୍ୟଠାରୁ ଦୂରତା କ୍ରମରେ ଏହା ରହିଛି ଅଷ୍ଟମ ସ୍ଥାନରେ । ସାଙ୍ଗ, ଭଲ କରି ଦେଖ । ଏହାର ରଙ୍ଗ କେମିତି ଦିଶୁଛି ? ରମୁ କହିଲା, 'ଖୁବ୍ ସୁନ୍ଦର ଓ ସବୁଜ ଦିଶୁଛି ।' 'ସୁମନ୍ ହସି ଦେଇ କହିଲା, 'ନା, ନା, ଆଉ ଥରେ ଭଲ କରି ଦେଖ । ମୁଁ ମହାକାଶଯାନର ଗତିକୁ ଧୀର କରିଦେଇଛି ।' ରମୁ କହିଲା, 'ହଁ, ଏବେ ପରିଷ୍କାର ଦିଶିଲା । ନେପ୍ଚୁନର ରଙ୍ଗ ନୀଳ ମିଶା ସବୁଜ ।' ରମୁ ପଚାରିଲା, 'ନେପ୍ଚୁନ ଗ୍ରହ କାହିଁକି ସବୁଜ ଦିଶେ ? ସୁମନ୍ କହିଲା, 'ଏହାର ବାୟୁମଣ୍ଡଳରେ ମିଥେନ୍ ଥିବାରୁ ତାହା ସବୁଜ ଦିଶୁଛି । ସୂର୍ଯ୍ୟକିରଣରେ ୭ଟି ରଙ୍ଗ ଅଛି । ଯାହାକୁ ଆମେ କହୁ ବା-ଘ-ନୀ-ସ-ହ-ନା-ଲା । ନେପ୍ଚୁନ୍‌ର ବାୟୁମଣ୍ଡଳରେ ଥିବା ମିଥେନ୍ ବାଷ୍ପ ସୂର୍ଯ୍ୟକିରଣରୁ ଲାଲ ରଙ୍ଗକୁ ଶୋଷି ନେଉଛି । ତେଣୁ ଗ୍ରହଟି ଏଭଳି ନୀଳ-ସବୁଜ ରଙ୍ଗର ଦିଶୁଛି । ସୂର୍ଯ୍ୟଠାରୁ ପ୍ରାୟ ୪୫୦ କୋଟି କିମି ଦୂରରେ ସୌରଜଗତର ଅଷ୍ଟମ ଗ୍ରହ ନେପ୍ଚୁନ୍ ରହିଛି । ଏହାର ବ୍ୟାସ ପ୍ରାୟ ୪୯,୫୦୦ କିମି । ଆମ ଘଡି ଅନୁସାରେ ଏହାର ଗୋଟିଏ ଦିନ ୧୯ ଘଣ୍ଟା ଓ ଗୋଟିଏ ବର୍ଷ ୧୬୫ ଦିନ ।

ବାୟୁମଣ୍ଡଳ ବିଷୟରେ ରମୁ ପଚାରିବାକୁ ସୁମନ୍ ବୁଝେଇଦେଲା, 'ଏହାର ବାୟୁମଣ୍ଡଳରେ ମିଥେନ୍ ବହୁତ କମ୍ ଅଛି । ସମୁଦାୟ ବାୟୁମଣ୍ଡଳକୁ ୧୦୦ ପ୍ରତିଶତ ଧରିଲେ ଏଥିରେ ପାଖାପାଖି ୭୪ ପ୍ରତିଶତ ଉଦ୍‌ଜାନ ବାଷ୍ପ ରହିଛି, ଆଉ ୨୫ ପ୍ରତିଶତ ହିଲିୟମ୍ ରହିଛି । ମିଥେନ୍ ବାଷ୍ପର ପରିମାଣ ପାଖାପାଖି ୧ ପ୍ରତିଶତ ହେବ ବୋଲି ଜଣାପଡିଛି । ବରଫ ଓ ପଥରରେ ଗ୍ରହର ଗୋଲକ ତିଆରି ହୋଇଛି । ସେଥିରେ ୧୫ ପ୍ରତିଶତ ଉଦ୍‌ଜାନ ବାଷ୍ପ ଓ ଅଳ୍ପ ହିଲିୟମ୍ ମିଶିକି ରହିଛି । ଆମ ସୌରଜଗତରେ ୮ଟି ଗ୍ରହ ଭିତରୁ ସବୁଠାରୁ ଅଧିକ ବେଗରେ ଯେଉଁଠି ପବନ ବହେ, ତାହା ହେଉଛି ନେପ୍ଚୁନ୍‌ର ବାୟୁମଣ୍ଡଳ । ସେଠାରେ ଘଣ୍ଟାକୁ ୨୦୦୦ କିମି ବେଗରେ ପବନ ବହେ ।

ପୁଣି ସୁମନ୍ କହିଲା, 'ଆରେ ହଁ, ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ନେପ୍ଚୁନର ୧୬ଟି ଚନ୍ଦ୍ର ବିଷୟରେ ଜଣାପଡିଛି । ସେସବୁ ଉପଗ୍ରହ ଭିତରୁ 'ଟ୍ରାଇଟନ୍' ହେଉଛି ସବୁଠାରୁ ବଡ । 'ଟ୍ରାଇଟନ୍' ପୃଷ୍ଠରୁ ବରଫକଣା ସହିତ ତରଳ ଯବକ୍ଷାରଜାନ, ମିଥେନ୍ ଓ ଧୂଳି ନିର୍ଗତ ହୋଇ ୮ କିମି ଉପରକୁ ଫିଙ୍ଗି ହେଉଥାଏ । ସେଠାରେ ରହିଥିବା ପାହାଡ ଓ ଉପତ୍ୟକା ଭିତରେ ଏପରି ସୁନ୍ଦର ଦୃଶ୍ୟ ଦେଖିଲେ ପରୀରାଇଜ ଭଳି ମନେହୁଏ ।

ସୁମନ୍ କହିଲା, 'ସାଙ୍ଗ ଆମ ମହାକାଶଯାନ ସୌରମଣ୍ଡଳର ଅଷ୍ଟମ ଗ୍ରହକୁ ଅତିକ୍ରମ କରିସାରିଛି । ଏବେ ଆମେ ବାମନଗ୍ରହ 'ପ୍ଲୁଟୋ' ଅଭିମୁଖେ ଯାତ୍ରା କରୁଛୁ । ପ୍ଲୁଟୋକୁ ଅତିକ୍ରମ କରିବା ପରେ ଆହୁରି ସୁନ୍ଦର ସୁନ୍ଦର ପିଣ୍ଡ ଦେଖିବା ।' ରମୁ କହିଲା, 'ଆରେ ନା ନା । ମୁଁ ଆଉ ଆଗକୁ ଯିବିନି । ମୁଁ ତୋ ରକେଟ୍‌ରେ ବୁଲିବାକୁ ଆସିଛି ବୋଲି ବାପାଙ୍କୁ କହିନାହିଁ । ବାପା ମୋତେ ଖୋଜୁଥିବେ ।' ସୁମନ୍ କହିଲା, 'ନା, ଖୋଜିବେନି । ପୂରା ସୌରଜଗତ ବୁଲିସାରିଲେ ଆମେ ଫେରିବା ।' ରମୁ କହିଲା, 'ନା ଯିବିନି ।' ସୁମନ୍ ପୁଣି ବାଧ୍ୟ କରିବାରୁ ରମୁ ଚିତ୍କାର କଲା, 'ବିଲ୍‌କୁଲ ନୁହେଁ । ମୁଁ ଆଉ ଆଗକୁ ଯିବିନି । ବିଲ୍‌କୁଲ୍ ଆଗକୁ ଯିବିନି । ମାଆ କଥା ମନେପଡୁଛି । ତୁ ଫେରିଚାଲ ।' ହଠାତ୍, ସାଙ୍ଗ ସୁମନ୍‌ର ଡାକରେ ରମୁର ନିଦ ଭାଙ୍ଗିଗଲା । ସୁମନ୍ ପଚାରୁଥିଲା, 'ଶୋଇଛୁ କ'ଣ ? ଟିଉଶନ ଯିବୁନି କି ?' ରମୁ ତରବର ହୋଇ ବିଛଣାରୁ ଉଠିପଡି କହିଲା, 'ହଁ, ହଁ, ଯିବି । ଟିକିଏ ଅପେକ୍ଷା କର । ମୁଁ ବାହାରି ପଡୁଛି ।'

-ଡ. କମଳାକାନ୍ତ ଜେନା
ଓଇଏସ୍(ଏ), ପ୍ରାଧ୍ୟାପକ (ପଦାର୍ଥ ବିଜ୍ଞାନ), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୭୫୦୧୬୫୧




## ଖବର ଛପା ହୁଏ କପଡାରେ

ସାଧାରଣତଃ ଖବର କାଗଜ ପଢ଼ିବାକୁ ଅନେକ ଲୋକ ଭଲପାଆନ୍ତି । ଏହି ଖବରକାଗଜ ପଢ଼ିବା ଲାଗି କାଗଜ ବ୍ୟବହାର ହେଉଥିବା ବେଳେ ଏପରି ଏକ ଦେଶ ରହିଛି ଯେଉଁଠି ଖବର ଛପାଯାଏ କପଡାରେ । ଏହି ଦେଶଟି ହେଉଛି ସ୍ପେନ । ରାଜା ମହାରାଜ କାଳରୁ ଏଠାରେ ଏହି ପରମ୍ପରା ଚାଲି ଆସୁଛି । ଏହାକୁ ସ୍ପାନିସ୍ ଖବରକାଗଜ କୁହାଯାଏ । କପଡାରେ ଛପା ହୋଇଥିବା ଏହି ଖବରକାଗଜ ଲୋକଙ୍କ ଦ୍ୱାରା ପଢ଼ା ସରିଲା ପରେ ତାକୁ ଲୋକମାନେ ତାଙ୍କ ଡ୍ରେସ ତିଆରି କରି ପିନ୍ଧିଥାନ୍ତି । ନିଉଜ୍ ପେପର କମ୍ପାନୀ ମାନେ ଖବରକାଗଜ ଛାପିବା ଲାଗି ଭଲ କ୍ୱାଲିଟୀର ପେପର ବ୍ୟବହାର କରିଥାନ୍ତି । ଏହି ଦେଶରେ ପେପର ଦାମ୍ ଅଧିକ କାରଣରୁ ଏମାନେ ଖବର ଛପା ଲାଗି ପେପର ବଦଳରେ କପଡା ବ୍ୟବହାର କରିଥାନ୍ତି ।

## ଏପରି ଗାଁ, ଯେଉଁଠି କେବେ ବର୍ଷା ହୋଇନି

ବିଶ୍ୱରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ଅଧିକ ବୃଷ୍ଟିପାତ ହୋଇଥାଏ । କିନ୍ତୁ ଏବେ ବି ଏମିତି ଏକ ଗାଁ ଅଛି, ଯେଉଁଠାରେ କେବେ ବି ବର୍ଷା ହୋଇନି । ଏହା ଶୁଣିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇପାରନ୍ତି! କିନ୍ତୁ କଥାଟି ସତ । ଏହି ଗାଁରେ ନାମ ଅଲ୍ ହୁତେବ୍ । ଉକ୍ତ ଗାଁଟି ୟେମେନ୍ ଦେଶରେ ଅବସ୍ଥିତ । ଏହି ଗାଁଟି ଅତ୍ୟନ୍ତ ସୁନ୍ଦର । ଗାଁରେ ଦୃଶ୍ୟ ଏତେ ମନୋରମ ଯେ ଏଠାକୁ ପର୍ଯ୍ୟଟକମାନେ ଆସିବାକୁ ନିଜକୁ ରୋକି ପାରନ୍ତି ନାହିଁ । ଏହାର ଚାରିପଟରୁ ପାହାଡ଼ ଘେରି ରହିଛି । ଏହି ଗାଁଟି ଭୂମିରୁ ୩୨୦୦ ମିଟର ଉଚ୍ଚତାରେ ଅବସ୍ଥିତ । ଏଠାକାର ବାୟୁମଣ୍ଡଳ ସବୁବେଳେ ଉତ୍ତପ୍ତ ରହିଥାଏ । ଶୀତଦିନେ ସକାଳେ ଶୀତ ଅନୁଭୂତ ହେଉଥିବା ବେଳେ ଖରା ଆସିବାମାତ୍ରେ ଗରମ ଅନୁଭୂତ ହୋଇଥାଏ । ବର୍ଷା ନ ହେବାର କାରଣ ଗାଁଟି ବାଦଲ ଉପରେ ଅବସ୍ଥିତ । ବାଦଲ ଗାଁର ତଳେ ରହୁଥିବା କାରଣରୁ ଏହା ତଳେ ବର୍ଷୁଥିବା ବେଳେ ଉପରେ ବର୍ଷା ହୋଇନଥାଏ । ଫଳରେ ଗାଁଟି ବର୍ଷାରୁ ବଞ୍ଚିତ ରୁହେ । ଏହି ଗାଁରେ ପ୍ରାଚୀନ ଏବଂ ଆଧୁନିକ ବାସ୍ତୁକଳାର ସଙ୍ଗମ ଦେଖିବାକୁ ମିଳିଥାଏ ।





# ଆଇନା



ସାନ୍ଭିକା ଶୁରଦେଓ
୩ ବର୍ଷ/ନୟାଗଡ



ଶ୍ରୁତାଲି ନାୟକ
୧୧ ବର୍ଷ/କଟକ